# ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ବଲାଙ୍ଗିର

(ଅଦାଲତି ଶାଖା)

ନୋଟିସ ସଂଖ୍ୟା 3363 / ଅ.ଶା., ତାରିଖ 01.07.2025

ଏତଦ୍ ଦ୍ଵାରା ବଲାଙ୍ଗିର ଜିଲ୍ଲା ର ସମସ୍ତ ସାମୟିକ ବାଣ ଦୋକାନ ଖୋଲିବା ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଇଅଛି ଯେ ଚଳିତ ବର୍ଷ ଦୀପାବଳୀ -୨୦୨୫ ରେ ସାମୟିକ ବାଣ ଦୋକାନର ଅନୁମତି ପାଇଁ ଦରଖାସ୍ତ ଗୁଡ଼ିକ ତା ୧୦.୧୦.୨୦୨୫ ସୁଦ୍ଧା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଜମା ଦେବାକୁ ନିର୍ଦ୍ଧାରିତ ହୋଇଛି । ତା. ୧୦.୧୦.୨୦୨୫ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ଏଣୁ ସମସ୍ତ ସାମୟିକ ବାଣ ଦୋକାନ ଖୋଲିବା ପାଇଁ ଇଚ୍ଛୁକ ବ୍ୟକ୍ତି ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିର୍ଦ୍ଧାରିତ ତାରିଖ ପୂର୍ବରୁ ସାମୟିକ ବାଣ ଦୋକାନ ର ଅନୁମତି ପାଇଁ ଦରଖାସ୍ତ ଗୁଡ଼ିକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଜମା କରିବେ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର

ଜ୍ଞାପକ ସଂଖ୍ୟା 3364 /ଅ.ଶା., ତାରିଖ 01.07.2025

ଏହାର ଅବିକଳ ନକଲ ଡି.ଆଇ.ଓ., ଏନ.ଆଇ.ସି., ବଲାଙ୍ଗିର ଙ୍କୁ ବଲାଙ୍ଗିର ୱେବ୍ ସାଇଟ ରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଅବିକଳ ନକଲ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ବଲାଙ୍ଗିର ର ନୋଟିସ ବୋର୍ଡ ରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା।

ଏହାର ଅବିକଳ ନକଲ ବଲାଙ୍ଗିର ଜିଲ୍ଲା ର ସମସ୍ତ ଉପ-ଜିଲ୍ଲାପାଳ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଙ୍କୁ ତାଙ୍କ ଅଫିସ ନୋଟିସ ବୋର୍ଡ ରେ ପ୍ରକାଶ କରିବା ପାଇଁ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ବଲାଙ୍ଗିର